# NATIONAL NEWS BULLETIN (ODIA)

**27 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମା' ପାଇଁ ଗଛଟିଏ ଅଭିଯାନରେ ନିର୍ଦ୍ଧାରିତ ସମୟର ୫ ଦିନ ପୂର୍ବରୁ ସାରାଦେଶରେ ୮୦କୋଟିରୁ ଅଧିକ ଚାରା ରୋପଣ ସୂଚନା

- ସଂସଦର ବିଭିନ୍ନ ବିଭାଗ ସମ୍ବନ୍ଧୀୟ ସ୍ଥାୟୀ ସମିତି ଗଠିତ ।

–ବିଜେପି ସାଂସଦ ଭର୍ତ୍ତୃହରି ମହତାବ ଅର୍ଥ କମିଟି ଅଧ୍ୟକ୍ଷ ନିଯୁକ୍ତ

- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର

- ଜାପାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ନେତା ସିଗେରୁ ଇସିବା

ଏବଂ

- ଭାରତ-ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟମ୍ୟାଚ୍ ଜାରି

---

## ଏକ୍ ପେଡ୍ ମା' କେ ନାମ୍

ମା' ପାଇଁ ଗଛଟିଏ ଅଭିଯାନରେ ସାରାଦେଶରେ ୮୦ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୮୦ କୋଟି ଚାରା ରୋପଣ ଲକ୍ଷ୍ୟ ସଫଳତା ଭାବେ ପୂରଣ

କରିବେ । ସୂଚନା ଅନୁଯାୟୀ ଏହି ଲକ୍ଷ୍ୟ ନିର୍ଦ୍ଧାରିତ ସମୟସୀମାର ୫ ଦିନ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୫ ସୁଦ୍ଧା ପୂରଣ କରାଯାଇଛି । ଏହି ସଫଳତା ଲାଗି ମନ୍ତ୍ରଣାଳୟ ସରକାରୀ ସଂସ୍ଥା, ସ୍ଥାନୀୟ ସଂସ୍ଥା ଏବଂ ଅନ୍ୟ ସହଯୋଗୀମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଛି । ଉତ୍ତରପ୍ରଦେଶରେ ଏହି ସମୟ ମଧ୍ୟରେ ସର୍ବାଧିକ ୨୬ କୋଟି ଚାରା ରୋପଣ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଜୁନ୍ ୫ରେ ନୂଆଦିଲ୍ଲୀରେ ମା' ପାଇଁ ଗଛଟିଏ ଅଭିଯାନ ଆରମ୍ଭ କରିଥିଲେ ।

## ସଂସଦୀୟ ସମିତି

ସଂସଦର ବିଭିନ୍ନ ବିଭାଗ ସମ୍ବନ୍ଧୀୟ ସ୍ଥାୟୀ ସମିତି ଗଠନ କରାଯାଇଛି । ବିଜେପିର ଭର୍ତ୍ତୃହରି ମହତାବ ଅର୍ଥ କମିଟିର ଅଧ୍ୟକ୍ଷ ନିଯୁକ୍ତ ହୋଇଥିବା ବେଳେ କଂଗ୍ରେସର ଶଶୀ ଥରୁର ବୈଦେଶିକ ବ୍ୟାପାର କମିଟିର ଅଧ୍ୟକ୍ଷତା କରିବେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ବିଜେପିର ରାଜ୍ୟସଭା ସାଂସଦ ରାଧାମୋହନ ଦାସ ଅଗ୍ରଓ୍ୱାଲ ସ୍ୱରାଷ୍ଟ୍ର ବିଭାଗ ସମ୍ବନ୍ଧିତ ସ୍ଥାୟୀ କମିଟିର ପ୍ରମୁଖ ଭାବେ କାର୍ଯ୍ୟ କରିବେ ।ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଏନ୍‌ସିପି ର ସାଂସଦ ସୁନୀଲ ତଟପରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ କମିଟିରେ ଅଧ୍ୟକ୍ଷତା କରିବେ ଏବଂ ଶିବସେନାର ଶ୍ରୀରଙ୍ଗ ଅପ୍ପା ଓ୍ୱାର୍ଣ୍ଣେ ଶକ୍ତି କମିଟିର ଅଧ୍ୟକ୍ଷ ରହିବେ ।

ସେହିଭଳି କଂଗ୍ରେସ ସାଂସଦ ଚରଣ ଜିତ ସିଂ ଚନ୍ନୀ କୃଷି, ପଶୁପାଳନ ଏବଂ ଖାଦ୍ୟ ସଂପର୍କିତ କମିଟିର ପ୍ରମୁଖ ଭାବେ କାର୍ଯ୍ୟ କରିବେ ଏବଂ କଂଗ୍ରେସର ସପ୍ତଗିରି ଉଲାକା ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଜନତାଦଳ ୟୁନାଇଟେଡର

ସଂଜୟ ଝା ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଟି.ଡି.ଇ.ର ମଗୁଂଟା ଶ୍ରୀନିବାସୁଲୁ ରେଡ୍ଡୀ ବାସଗୃହ ଏବଂ ସହରାଞ୍ଚଳ ମାମଲା ସଂପର୍କିତ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ ।

ପୂର୍ବ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ସାଂସଦ ଅନୁରାଗ ଠାକୁର କୋଇଲା, ଖଣି ଏବଂ ଇସ୍ପାତ କମିଟିର ଅଧ୍ୟକ୍ଷ ରହିବେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଡ଼ୀଙ୍କୁ ଜଳସଂସାଧନ ସମିତି କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ବିଜେପିର ନିଶିକାନ୍ତ ଦୁବେ ସଂଚାର ଏବଂ ସୂଚନା କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଡିଏମକେର ତିରୁଚି ଶିବା ଉଦ୍ୟୋଗ ସମିତି ଏବଂ ସାଂସଦ କାନିମୋଇ ଉପଭୋକ୍ତା ବ୍ୟାପାର ଖାଦ୍ୟ ଏବଂ ସାର୍ବଜନୀନ ବଣ୍ଟନ କମିଟିର ଅଧ୍ୟକ୍ଷତା କରିବେ । ବିଜେପି ସାଂସଦ ସି.ଏମ୍. ରମେଶ ରେଳବାଇ କମିଟିର ପ୍ରମୁଖ ହୋଇଥିବା ବେଳେ ଟିଏମସି ସାଂସଦ କୀର୍ତ୍ତି ଆଝାର ରସାୟନ ଏବଂ ଉର୍ବରକ କମିଟିର ପ୍ରମୁଖ ରହିବେ । ବିଜ୍ଞାନ ଏବଂ ପ୍ରାଦୌଗିକୀ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କମିଟିର ଅଧ୍ୟକ୍ଷ ଭାବେ ବିଜେପି ସାଂସଦ ଭୁବନେଶ୍ୱର କଲିତା କାର୍ଯ୍ୟ କରିବେ । ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଟିର ପ୍ରମୁଖ ଭାବେ କାର୍ଯ୍ୟ କରିବେ । ବିଜେପିର ବ୍ରିଜିଲାଲ କାର୍ମିକ, ଅଭିଯୋଗ ନ୍ୟାୟ ଓ ଆଇନ କମିଟିର ଅଧ୍ୟକ୍ଷତା କରିବେ ।

ସେହିପରି କଂଗ୍ରେସ ସାଂସଦ ଦିଗବିଜୟ ସିଂ ଶିକ୍ଷା, ମହିଳା, ଶିଶୁ, ଯୁବା ଏବଂ କ୍ରୀଡ଼ା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ ଏବଂ ଟିଏମ୍‌ସିର ଡୋଲା ସେନ ବାଣିଜ୍ୟ କମିଟିର ଅଧ୍ୟକ୍ଷତା କରିବେ ।

---

## ବିଶ୍ୱ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନ ମାଧ୍ୟମରେ ଲୋକମାନଙ୍କୁ ଯୋଡ଼ିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ନିମନ୍ତେ ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପର୍ଯ୍ୟଟନ ଏବଂ ଶାନ୍ତି' । ପର୍ଯ୍ୟଟନ ଶିଳ୍ପକୁ ଭବିଷ୍ୟତ ପିଢ଼ି ପାଇଁ ସୁଖଦ ଏବଂ ଗ୍ରହଣୀୟ କରିବା ଲାଗି ଏହି ଦିବସର ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଏହି ଦିବସ ପାଳନ କରିବ । ଏଥିରେ ବିଶ୍ୱ ଶାନ୍ତି ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆୟୋଜିତ ହେବାକୁ ଥିବା ଉତ୍ସବରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମନ୍ତ୍ରଣାଳୟ ପକ୍ଷରୁ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ବିଜେତାଙ୍କ ନାମ ଘୋଷଣା କରାଯିବ ।

## ଜେକେ-ଇଲେକ୍ସନ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିମନ୍ତେ ବିଭିନ୍ନ ଦଳର ଶୀର୍ଷ ନେତୃତ୍ୱମାନେ ପ୍ରଚାର କରୁଛନ୍ତି । ଏହି ପର୍ଯ୍ୟାୟ ନିମନ୍ତେ ଆସନ୍ତା ଅକ୍ଟୋବର ୧ ତାରିଖରେ ୪୦ଟି ବିଧାନସଭା ଆସନ ପାଇଁ ମତଦାନ ହେବ । ଆକାଶବାଣୀର ଜାମ୍ମୁ ସମ୍ବାଦଦାତା କହିଛନ୍ତି ମତଦାନକୁ ଆଉ କମ୍ ଦିନ ବାକିଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ର୍‍ୟାଲି ଏବଂ ରୋଡ୍‌ଶୋ' କରାଯାଉଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର ନିମନ୍ତେ ଆସନ୍ତାକାଲି ଜାମ୍ମୁ ଗସ୍ତ କରିବେ । ସେ ମୌଲାନା ଆଜାଦ୍ ଷ୍ଟାଡିୟମ୍‌ରେ ଏକ ଜନସଭାକୁ ସମ୍ବୋଧନ କରିବେ । ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କଂଗ୍ରେସ ସପକ୍ଷରେ ଆଜି ରାମଗଡ଼ର ଦୁନଚକ ଏବଂ ଛମବ ସେକ୍ଟରରେ ୨ଟି ର୍‍ୟାଲି କରିବେ । ଦଳୀୟ ନେତ୍ରୀ

ପ୍ରିୟଙ୍କା ଗାନ୍ଧୀ ଆସନ୍ତାକାଲି ବିଭିନ୍ନ ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପର୍ଯ୍ୟାୟ ନିର୍ବାଚନରେ ଜାମ୍ମୁର ୨୪ଟି ବିଧାନସଭା ଆସନ ଓ କାଶ୍ମୀରର ୧୬ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ ।

---

## ଜେକେ ପୋଲ୍ ଫିଗର

ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୭ ଦଶମିକ ୩/୧ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଆୟୋଗ କହିଛନ୍ତି । ସୂଚନା ଅନୁଯାୟୀ ୫୮ ଦଶମିକ ୩/୫ ପ୍ରତିଶତ ପୁରୁଷ ଭୋଟର ଏବଂ ୫୬ ଦଶମିକ ୨/୨ ପ୍ରତିଶତ ମହିଳା ଭୋଟର ୬ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ଲାଗି ମତଦାନ କରିଛନ୍ତି । ଶ୍ରୀମତ ବୈଷ୍ଣୋଦେବୀ ବିଧାନସଭା ଆସନରେ ସର୍ବାଧିକ ୮୦ ଦଶମିକ ୪/୫ ପ୍ରତିଶତ ମତଦାନ ହୋଇଥିବା ବେଳେ ସୁରନକୋଟରେ ୭୪ ଦଶମିକ ୯/୪ ଏବଂ ପୁଞ୍ଚ୍ ହାବେଲୀରେ ୭୪ ଦଶମିକ ୫/୬ ପ୍ରତିଶତ ମତଦାନ ହୋଇଛି ।

---

## ଜେକେ-ଏନ୍‌ଆଇଏ

ରାଷ୍ଟ୍ରୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ଚଳିତବର୍ଷ ଜୁନ୍ ମାସରେ ଏକ ବସ୍ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଆଜି ଜାମ୍ମୁର ରାଜୌରୀ ଏବଂ ରିୟାସୀ ଜିଲ୍ଲାର ଅନେକ ସ୍ଥାନରେ ତଲାସୀ ଅଭିଯାନ କରୁଛି । ସଂପୃକ୍ତ ବସ୍‌ଟି ରିୟାସୀ ଜିଲ୍ଲାର ଶିବଖୋରୀ ମନ୍ଦିରରୁ ଫେରୁଥିବା ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଆତଙ୍କବାଦୀମାନେ ସେହି ବସ୍ ଉପରେ ଆକ୍ରମଣ କରିଥିଲେ ।

---

# ଜାପାନ-ନିଉ ପିଏମ୍

ଜାପାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟିର ନେତା ସିଗେରୁ ଇସିବା ଦାୟିତ୍ୱ ଗ୍ରହଣ କରିବେ । ଦଳର ନେତୃତ୍ୱ ପାଇଁ ହୋଇଥିବା ମତଦାନରେ ସେ ବିଜୟ ହାସଲ କରିଛନ୍ତି। ଶ୍ରୀ ଇସିବା ରାଷ୍ଟ୍ରବାଦୀ ସାନେ ତାକାଇଚିଙ୍କ ବିରୁଦ୍ଧରେ ବିଜୟୀ ହୋଇଛନ୍ତି । ତାକାଇଚିଙ୍କୁ ୧୯୪ଟି ଭୋଟ୍ ମିଳିଥିବା ବେଳେ ଇସିବାଙ୍କୁ ୨୧୫ଟି ଭୋଟ୍ ମିଳିଛି । ଚଳିତ ପ୍ରଧାନମନ୍ତ୍ରୀ ପଦ ପାଇଁ ନିର୍ବାଚନରେ ସର୍ବାଧିକ ସଂଖ୍ୟକ ପ୍ରାର୍ଥୀ ରହିଥିଲେ । ଆସନ୍ତା ଅକ୍ଟୋବରରେ ଶ୍ରୀ ଇସିବା ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ପଦରୁ ଇସ୍ତଫା ଦେବା ଲାଗି ଘୋଷଣା କରିସାରିଛନ୍ତି ।

---

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ

ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଟିଏନ୍-ଆକ୍ସିଡେଣ୍ଟ

ତାମିଲନାଡୁର ବିରୁଧୁନଗର ଜିଲ୍ଲା ଶ୍ରୀ ବିଲିପୁଥୁର ଠାରେ ଆଜି ସକାଳେ ଏକ ମିନିବସ୍ ଓଲଟି ପଡ଼ିବା ଫଳରେ ଜଣେ ଛାତ୍ର ସମେତ ୪ଜଣଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ୧୦ଜଣରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି । ୩୫ ଜଣ ଯାତ୍ରୀଙ୍କୁ ନେଇ ମନସାପୁରମ୍‌ରୁ ଶ୍ରୀବିଲିପୁଥୁର ଯାଉଥିବା ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଭାରତ-ଗଣ୍ଡଗୋଳ

କାଲିଫର୍ଣ୍ଣିଆର ବୋଚାସନବାସି ଅକ୍ଷର ପୁରୁଷୋତ୍ତମ ସ୍ୱାମୀ ନାରାୟଣ ମନ୍ଦିରରେ ଭଙ୍ଗାରୁଜା ଘଟଣାକୁ ନେଇ ଭାରତ ନିନ୍ଦା କରିଛି । ଗତ ୨୪ ତାରିଖ ରାତିରେ ଏହି ଘଟଣା ଘଟିଥିଲା । ସାନ୍ ଫ୍ରାନ୍‌ସିସ୍‌କୋରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସ ସେଠାକାର ଅଧିକାରୀମାନଙ୍କୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରିବା ଲାଗି କହିଛନ୍ତି । ମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ ମନ୍ଦିର କାନ୍ଥରେ ଅଶ୍ଳୀଳ ବାର୍ତ୍ତା ଲେଖାଯିବା ସହ ଭଙ୍ଗାରୁଜା କରାଯାଇଥିଲା ।

## ଶ୍ରୀଲଙ୍କା-ଭିସା

ଶ୍ରୀଲଙ୍କା ସରକାର ସମସ୍ତ ବିଦେଶୀମାନଙ୍କ ପାଇଁ ETA ଆଧାରିତ ଭିସା ବ୍ୟବସ୍ଥା ପୁଣି ଆରମ୍ଭ କରିଛନ୍ତି । ଏହାଛଡ଼ା ଚଳିତବର୍ଷ ଅପ୍ରେଲ ମାସରୁ ନୂଆ ଭିସା ପୋର୍ଟାଲ ମଧ୍ୟ ଆରମ୍ଭ କରାଯାଇଛି । ପୂର୍ବରୁ ଏହି କାର୍ଯ୍ୟ ଘରୋଇ କ୍ଷେତ୍ର ମାଧ୍ୟମରେ କରାଯାଉଥିଲା ଏବଂ ଭିସା ଶୁଳ୍କ ବୃଦ୍ଧି କରାଯାଇଥିଲା । ତେବେ ଚଳିତମାସ ଆରମ୍ଭରେ ସେଠାକାର ସୁପ୍ରିମକୋର୍ଟ ଘରୋଇ କ୍ଷେତ୍ର ମାଧ୍ୟମରେ ଭିସା ପଦ୍ଧତିକୁ ବାତିଲ କରିବା ସହ ସଂପୃକ୍ତ ସଂସ୍ଥା ସହ ବୁଝାମଣା ବାତିଲ କରିଥିଲେ । ସୁପ୍ରିମକୋର୍ଟ ମଧ୍ୟ ପୂର୍ବଭଳି ଇଲେକ୍‌ଟ୍ରୋନିକ୍ ଟ୍ରେବଲ୍ ଅଥରାଇଜେସନ୍- ETA ପ୍ରଣାଳୀ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସେଠାକାର ସାର୍ବଜନିକ ସୁରକ୍ଷା ମନ୍ତ୍ରୀ ବିଜିଥା ହେରଥ କହିଛନ୍ତି ପୂର୍ବ ବ୍ୟବସ୍ଥାରେ ବିଦେଶରୁ ଆସୁଥିବା ଲୋକମାନଙ୍କୁ ବହୁ ଅସୁବିଧାର ସାମ୍ନା କରିବାକୁ ପଡୁଥିଲା । ସରକାର ଆଟର୍ଣ୍ଣି ଜେନେରାଲ୍‌ଙ୍କ ପରାମର୍ଶ ଅନୁଯାୟୀ ଅଦାଲତଙ୍କ ଆଦେଶ ପାଳନ ପୂର୍ବକ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି ।

## କ୍ରିକେଟ୍

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆଜି କାନପୁରଠାରେ ଆରମ୍ଭ ହୋଇଛି । ସମ୍ବାଦ ପ୍ରସ୍ତୁତ

ହେଲାବେଳକୁ ବାଂଲାଦେଶ ୩୧.୨ ଓଭରରେ୩ ଓ୍ୱିକେଟ୍ ହରାଇ ୮୮ ରନ୍ ସ୍କୋର କରିଛି ।

ଭାରତ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଆଜିର ମ୍ୟାଚ୍‌ରେ ବାଂଲାଦେଶ ନିଜ ଟିମ୍‌ରେ ୨ଟି ପରିବର୍ତ୍ତନ କରିଛି । ନାହିଦ ରାଣାଙ୍କ ସ୍ଥାନରେ ତୈଜୁଲ ଇସ୍‌ଲାମ ଏବଂ ତସ୍କିନ ଅହମ୍ମଦଙ୍କ ସ୍ଥାନରେ ଖାଲିଦ୍ ଅହମ୍ମଦ ଖେଳିବେ । ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିବା ପରେ ଦ୍ୱିତୀୟ ଟେଷ୍ଟରେ ବିଜୟ ହାସଲ କରିବା ଲାଗି ଭାରତ ଚେଷ୍ଟା କରିବ । ଗତ ମ୍ୟାଚ୍‌ରେ ଭାରତ ୨୮୦ ରନ୍‌ରେ ବିଜୟ ହାସଲ କରିଥିଲା ।